# NATIONAL NEWS BULLETIN (ODIA)

**22 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ନିର୍ବାଚିତ ସରକାରରେ ସର୍ବାଧିକ ସମୟ ନେତୃତ୍ୱରେ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥାପନ କରିଛନ୍ତି ନୂତନ କୀର୍ତ୍ତିମାନ ।
- ପ୍ରଥମ ପର୍ଯ୍ୟାୟରେ ଆସନ୍ତାମାସ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମତଗ୍ରହଣ ପାଇଁ ଆସନ୍ତାକାଲି ଶେଷ ହେବ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ।
- ଦେଶର ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ ଗୁଡ଼ିକର ନିଲାମ ପ୍ରକ୍ରିୟାର ଆସନ୍ତାକାଲି ଅନୁଷ୍ଠିତ ହେବ ସପ୍ତମ ପର୍ଯ୍ୟାୟ ।
- କର୍ଣ୍ଣାଟକର ମାଙ୍ଗାଲୁରରେ ପହଞ୍ଚିଲା ଅଶୋଧିତ ତୈଳ ବହନ କରୁଥିବା ରୁଷ୍‌ର ଜାହାଜ ।

ଏବଂ

- ଆଜି ପାଳନ କରାଯାଉଛି ବିଶ୍ୱ ଜଳ ଦିବସ ।

## ପିଏମ୍ ମୋଦୀ-ହେଡ୍ ଅଫ୍ ଗଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନିର୍ବାଚିତ ସରକାରରେ ସର୍ବାଧିକ ସମୟ ନେତୃତ୍ୱରେ ରହିଥିବା ମୁଖ୍ୟ ଭାବରେ ଏକ ନୂତନ ମାଇଲଖୁଣ୍ଟ

ସ୍ଥାପନ କରିଛନ୍ତି । ଶ୍ରୀ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ୨୫ବର୍ଷ କାର୍ଯ୍ୟକାଳ ପୂରଣ କରିବା ସହ ମୋଟ୍ ୮ହଜାର ୯୩୧ଦିନ ଶାସନ ଦାୟିତ୍ୱ ପୂରଣ କରିଛନ୍ତି । ଏହାପୂର୍ବରୁ ସିକ୍କିମର ମୁଖ୍ୟମନ୍ତ୍ରୀ ଭାବରେ ପବନ କୁମାର ଚାମଲିଙ୍ଗ ୮ହଜାର ୯୩୦ଦିନ ନିଜର କାର୍ଯ୍ୟଦିବସ ପୂରଣ କରିଥିଲେ । ଏହି ଲମ୍ୱା ରାଜନୈତିକ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ମୋଦୀ ବିଭିନ୍ନ କ୍ଷେତ୍ରରେ ନିଜର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିବା ସହ ରେକର୍ଡ ସୃଷ୍ଟି କରିଛନ୍ତି । ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ପ୍ରଥମେ ଶ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିବା ସହ୨୦୧୪ ମେ' ୨୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ରହିଥିଲେ । ଶ୍ରୀ ମୋଦୀ ଦେଶର ପ୍ରଧାନମନ୍ତ୍ରୀ ଯାହାଙ୍କର ଜନ୍ମ ସ୍ୱତନ୍ତ୍ରତା ପରେ ହୋଇଥିଲା ଏବଂ କ୍ରମାନ୍ୱୟରେ ୨୦୧୪, ୨୦୧୯ ଏବଂ ୨୦୨୪ରେ ୩ଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୦୧ରେ ପ୍ରଥମଥର ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ୧୩ବର୍ଷ କାଳ ଦାୟିତ୍ୱ ଗ୍ରହଣ କରି ଶ୍ରୀ ମୋଦୀ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ୨୦୧୪ରେ ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀ ମୋଦୀ ଦାୟିତ୍ୱଗ୍ରହଣ କରିଥିଲେ ।

## କେରଳମ୍ - ଇଲେକ୍ସନ

ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମାସ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ବିଧାନସଭା ନିର୍ବାଚନ ଏବଂ ଅନ୍ୟକେତେକ ରାଜ୍ୟର ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ସମୟସୀମା ଆସନ୍ତାକାଲି ଶେଷ ହେଉଛି । ପ୍ରଥମ ପର୍ଯ୍ୟାୟରେ କେରଳମ୍, ଆସାମ ଏବଂ ପୁଡୁଚେରୀର ବିଧାନସଭା ପାଇଁ ଆସନ୍ତା ମାସ ୯ ତାରିଖରେ ମତଗ୍ରହଣ କରାଯିବ । ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ହେବାକୁଥିବା ଉପନିର୍ବାଚନ ପାଇଁ ଏହି ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ଆସନ୍ତା ୨୪ ତାରିଖକୁ ପ୍ରାର୍ଥୀପତ୍ର ଯାଞ୍ଚ ପାଇଁ ଦିନଧାର୍ଯ୍ୟ କରାଯାଇଥିବାବେଳେ ୨୬ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିବସ ରଖାଯାଇଛି ।

କେରଳର ସମସ୍ତ ୧୪୦ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି । ଏଥିସହ ରାଜ୍ୟବ୍ୟାପୀ ନିର୍ବାଚନ ପ୍ରଚାର ମଧ୍ୟ କ୍ରମଶଃ ଜୋର୍ ଧରୁଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକାର୍ଯ୍ୟରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଭୋଟର ତାଲିକାରେ ନୂତନ ଭାବେ ନାମ ଯୋଡ଼ିବା ପାଇଁ ଆସନ୍ତା କାଲି ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ଇସିଆଇ-ପୋଲିଂ ଷ୍ଟେସନ୍ସ

ଆଗାମୀ ବିଧାନସଭା ନିର୍ବାଚନ ଏବଂ ଉପ ନିର୍ବାଚନରେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ମତଦାନ କେନ୍ଦ୍ରରେ ମତଦାତାଙ୍କ ପାଇଁ ପାନୀୟଜଳ, ପ୍ରତୀକ୍ଷା ସ୍ଥାନ, ଶୌଚାଳୟ, ପର୍ଯ୍ୟାପ୍ତ ଆଲୋକୀକରଣ, ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ପ୍ରସ୍ତୁତ ରଖିବାକୁ କମିଶନ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ମତଦାନ କେନ୍ଦ୍ରରେ ମତଦାନ ସଂକ୍ରାନ୍ତ ସମ୍ପୂର୍ଣ୍ଣ ବିବରଣୀ ତଥା ପରାମର୍ଶାବଳୀ ସହ ପୋଷ୍ଟର ପ୍ରଦର୍ଶନ କରିବାକୁ କମିଶନ କହିଛନ୍ତି । ସେଥିରେ ମତଦାନ କେନ୍ଦ୍ରର ବିବରଣୀ, ପ୍ରାର୍ଥୀଙ୍କ ତାଲିକା, ମତଦାନର ପ୍ରକ୍ରିୟା, ଅନୁମୋଦିତ ପରିଚୟପତ୍ରର ତାଲିକା ଆଦି ସମ୍ପର୍କରେ ଉଲ୍ଲେଖ କରିବାକୁ କମିଶନ କହିଛନ୍ତି । ମତଦାନ କେନ୍ଦ୍ର ଗୁଡ଼ିକରେ ଭୋଟର ସହାୟତା କେନ୍ଦ୍ର ସ୍ଥାପନ ଏବଂ ପ୍ରବେଶ ଦ୍ୱାର ବାହାରେ ମତଦାତାଙ୍କ ମୋବାଇଲ ଫୋନ୍ ଜମା ରଖିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ କମିଶନ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମାଇନ୍ସ ଅକ୍ସନ

ଦେଶର ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ବ୍ଲକଗୁଡ଼ିକର ନିଲାମ ପ୍ରକ୍ରିୟାର ସପ୍ତମ ପର୍ଯ୍ୟାୟ ଆସନ୍ତାକାଲି ଆରମ୍ଭ ହେବ । କୋଇଲା ଓ ଖଣି

ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହାର ଶୁଭାରମ୍ଭ କରିବେ । ଏହି ପର୍ଯ୍ୟାୟରେ ଖଣି ଲିଜ୍ ଏବଂ କମ୍ପୋଜିଟ୍ ଲାଇସେନ୍ସ ଅଧୀନରେ ବିଭିନ୍ନ ରାଜ୍ୟର ୧୯ଟି ବ୍ଲକର ନିଲାମ କରାଯିବ । ଖଣି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ଅନ୍‌ଲାଇନ୍ ମାଧ୍ୟମରେ ଏହାକୁ କରାଯିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ଅନୁଷ୍ଠିତ ୬ଟି ପର୍ଯ୍ୟାୟରେ ୪୬ଟି ଖଣିଜ ବ୍ଲକର ନିଲାମ ହୋଇସାରିଛି ।

## ରୁଷିଆନ୍ ଅଏଲ-ଇଣ୍ଡିଆ

ଅଶୋଧିତ ତୈଳ ବହନ କରୁଥିବା ରୁଷ୍‌ର ଜାହାଜ ଆକ୍ୱାଟାଇଟନ କର୍ଣ୍ଣାଟକର ମାଙ୍ଗାଲୁରୁଠାରେ ପହଞ୍ଚିଛି । ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ଗତ ଗୁରୁବାର ଆମେରିକା ଅସ୍ଥାୟୀ ଅନୁମତି ପ୍ରଦାନ କରିବା ପରେ ଏହି ଜାହାଜ ମାଙ୍ଗାଲୁରୁକୁ ଆସିଛି । ଆମେରିକାର ତରଳ ପେଟ୍ରୋଲିୟମ ଗ୍ୟାସ୍ ଏଲ୍‌ପିଜି ବହନ କରିଥିବା ଆଉଏକ ପଣ୍ୟବାହୀ ଜାହାଜ ମଧ୍ୟ ମାଙ୍ଗାଲୁରୁ ବନ୍ଦରରେ ପହଞ୍ଚିଛି । ପୂର୍ବରୁ ଭାରତୀୟ ପତାକା ରହିଥିବା ଏଲ୍‌ପିଜି ପଣ୍ୟବାହୀ ଜାହାଜ ନନ୍ଦାଦେବୀ ଗୁଜୁରାଟର ଭଦିନାର ଏବଂ ଶିବାଲିକ୍ ମୁନ୍ଦ୍ରା ବନ୍ଦରରେ ପହଞ୍ଚିଥିଲା । ଏହି ଦୁଇଟି ଭାରତୀୟ ଜାହାଜ ସଫଳତାର ସହ ହର୍‌ମୁଜ ପ୍ରଣାଳୀ ପାର କରି ଭାରତରେ ପହଞ୍ଚିଥିଲେ ।

# ୱେଷ୍ଟ ଏସିଆ କନ୍‌ଫ୍ଲିଟ

ଇସ୍ରାଏଲର ଡିମୋନା ସହରକୁ ଲକ୍ଷ୍ୟକରି ଇରାନ୍ ବାଲିଷ୍ଟିକ୍ ମିଶାଇଲ ଦ୍ୱାରା ଆକ୍ରମଣ କରିଛି । ଇସ୍ରାଏଲ ପକ୍ଷରୁ ଆରାଦ ସହରକୁ ଲକ୍ଷ୍ୟ ରଖି କରାଯାଇଥିବା ଆକ୍ରମଣର ପ୍ରତ୍ୟୁତ୍ତରରେ ଏଭଳି ମିଶାଇଲ୍ ନିକ୍ଷେପ କରାଯାଇଥିବା ଇରାନ୍ କହିଛି । ତେବେ ଏହି ଆକ୍ରମଣରେ ଇରାନ୍‌ର ଗବେଷଣା କେନ୍ଦ୍ର କ୍ଷତିଗ୍ରସ୍ତ ହୋଇନାହିଁ ଏବଂ କୌଣସି ପ୍ରକାର ବିକିରଣ ସ୍ତର ମଧ୍ୟ ଚିହ୍ନଟ ହୋଇନଥିବା ଜଣାପଡିଛି । ଆକ୍ରମଣ ଏବଂ ପ୍ରତି ଆକ୍ରମଣରେ ଡିମୋନା, ଆରାଦ ଓ ଦକ୍ଷିଣ ଇସ୍ରାଏଲରେ ୧୩୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ଇରାନ୍ କ୍ଷେପଣାସ୍ତ୍ରକୁ ପ୍ରତିହତ କରିବାରେ ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଫଳ ହୋଇଥିବା କୁହାଯାଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏହି ବିଫଳତାକୁ ସ୍ୱୀକାର କରିବା ସହ ଏନେଇ ତଦନ୍ତ ଚାଲିଥିବା ସୂଚନା ଦେଇଛି । ଇରାନ୍ ବିରୁଦ୍ଧରେ ଆଗାମୀ ଦିନରେ ଅଭିଯାନ ଅଧିକ ତୀବ୍ର ହେବ ବୋଲି ଇସ୍ରାଏଲ ଅଧିକାରୀ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ୪୮ଘଣ୍ଟା ମଧ୍ୟରେ ହର୍‌ମୁଜ ପ୍ରଣାଳୀକୁ ସାର୍ବଜନୀନ ବ୍ୟବହାର ପାଇଁ ଉନ୍ମୁକ୍ତ ରଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟଥା ଇରାନ୍‌ର ସର୍ବବୃହତ୍ ଶକ୍ତିକେନ୍ଦ୍ରକୁ ଆକ୍ରମଣ ଦ୍ୱାରା ନଷ୍ଟ କରିଦିଆଯିବ ବୋଲି ଶ୍ରୀ ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ଅନ୍ୟପକ୍ଷରେ ହର୍‌ମୁଜ ପ୍ରଣାଳୀ କେବଳ ଇରାନ୍‌ର ଶତ୍ରୁପକ୍ଷଙ୍କ ପାଇଁ ବନ୍ଦ ରହିବ ବୋଲି ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନରେ ଇରାନ୍‌ର

ପ୍ରତିନିଧି ଘୋଷଣା କରିଛନ୍ତି । ବ୍ରିଟେନ୍‌ରେ ଅବସ୍ଥାପିତ ଇରାନ୍‌ର ରାଷ୍ଟ୍ରଦୂତ ଅଲ୍ଲୀ ମୂଷାଭି କହିଛନ୍ତି ଆମେରିକା ଓ ଇସ୍ରାଏଲ ସହିତ ଚାଲିଥିବା ସଂଘର୍ଷ ଯୋଗୁଁ ଉପସାଗର ଏବଂ ହର୍‌ମୁଜ ପ୍ରଣାଳୀରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଇରାନ୍‌ର କ୍ଷତ୍ରୀୟ ଅଖଣ୍ଡତା ଏବଂ ଅଧିକାର ପ୍ରତି ଆନ୍ତର୍ଜାତିକ ସମୁଦାୟ ସମ୍ମାନ ପ୍ରଦର୍ଶନ କରିବା ଉପରେ ଶ୍ରୀ ମୂଷାଭି ଗୁରୁତ୍ୱ ଦେଇଛନ୍ତି ।

ତେବେ ଇରାନ୍ କହିଛି ଦେଶର ଶକ୍ତି ଭିତ୍ତିଭୂମି ଉପରେ ଯେକୌଣସି ଆକ୍ରମଣର କଡ଼ା ଜବାବ ଦିଆଯିବ । ସାଉଦୀ ଆରବର ରିଆଦ ଉପରେ ୩ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ଜଣାପଡିଛି । ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଯୁଦ୍ଧ ପରଠାରୁ ଏପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୧ହଜାର ୨୪ରୁ ଅଧିକ ହୋଇଛି । ଇସ୍ରାଏଲର ସାମରିକ ଅଞ୍ଚଳ ଗୁଡ଼ିକରେ ରକେଟ୍ ଆକ୍ରମଣ କରାଯାଇଥିବା ହିଜବୁଲ୍ଲା ସୂଚନା ଦେଇଛି ।

## ଜାପାନ-ହରମୁଜ

ହର୍‌ମୁଜ ପ୍ରଣାଳୀ ମଧ୍ୟରେ ଥିବା ଖଣି ଅଞ୍ଚଳ ଗୁଡ଼ିକରେ ସଫେଇ କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଚାର କରିବ ବୋଲି ଜାପାନର ବୈଦେଶିକ ମନ୍ତ୍ରୀ ତୋସିମିସ୍ତୁ ମୋଟେଗି ସୂଚନା ଦେଇଛନ୍ତି । ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମୋଟେଗି କହିଛନ୍ତି ଜାପାନର ଆତ୍ମପ୍ରତିରକ୍ଷା ବାହିନୀ ଏଥିପାଇଁ ନିୟୋଜିତ ହୋଇପାରିବେ,

ତେବେ ଇରାନ୍‌ର ଆମେରିକା ଓ ଇସ୍ରାଏଲ ସହିତ ଜାରି ରହିଥିବା ସଂଘର୍ଷରେ ବିରତି ପରେ ହିଁ ଏହି ବିକଳ୍ପ ପଦକ୍ଷେପ ନେଇ ବିଚାର କରାଯାଇପାରିବ । ଖଣି ସଫେଇ କାର୍ଯ୍ୟ ପାଇଁ ଆବଶ୍ୟକ ପ୍ରଯୁକ୍ତି ବିଦ୍ୟାରେ ଜାପାନର ଉନ୍ନତ କୌଶଳ ଉପରେ ସେ ଆଲୋକପାତ କରିଛନ୍ତି । ସାକ୍ଷାତ୍‌କାର ଅବସରରେ ଜାପାନର ବୈଦେଶିକ ମନ୍ତ୍ରୀ ଶ୍ରୀ ମୋଟେଗି ଦେଶର ସାମୁଦ୍ରିକ କ୍ଷମତା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି ।

## ଜଳ ଦିବସ

ଜଳ ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଜଳସଂପଦର ସ୍ଥାୟୀ ପରିଚାଳନା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଜଳ ଦିବସ ପାଳନ କରାଯାଉଛି । ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଜଳ ଓ ପରିମଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ନିରନ୍ତର ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଜଳ ଏବଂ ମାନବ । 'ଜଳପ୍ରବାହ ସହ ସମାନତାରେ ଉନ୍ନତି'** ଶୀର୍ଷକ ସ୍ଲୋଗାନ ସହ ଚଳିତବର୍ଷର ଏହି ଦିବସ ପାଳିତ ହେଉଛି ।

ବ୍ରାଜିଲର ରିଓ ଡି ଜେନେରିଓ ଠାରେ ୧୯୯୨ ମସିହାରେ ଆୟୋଜିତ ବିଶ୍ୱ ଜଳ ଓ ବିକାଶ ସମ୍ମିଳନୀରେ ମାର୍ଚ୍ଚ ୨୨ ତାରିଖକୁ ଆନୁଷ୍ଠାନିକ ଭାବେ ବିଶ୍ୱ ଜଳଦିବସ ଭାବେ ଘୋଷଣା କରାଯିବା ସଂକ୍ରାନ୍ତ ଏକ ସଂକଳ୍ପ ପାରିତ ହୋଇଥିଲା। ୧୯୯୩ ମସିହାରୁ ବିଶ୍ୱସ୍ତରରେ ଏହି ଦିବସ ପାଳିତ ହୋଇଆସୁଛି ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳ ସଂରକ୍ଷଣ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଦେଶର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଜୀବନକୁ ବଜାୟ ରଖିବାରେ ଏବଂ ବିଶ୍ୱର ଭବିଷ୍ୟତକୁ ଆକାର ଦେବାରେ ଜଳର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଜଳ ସଂରକ୍ଷଣ ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ଶ୍ରୀ ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।